# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**15 April – 2026**

---

# ଛାତ୍ରୀ ମୃତ୍ୟୁ ଘଟଣା–ମୁଖ୍ୟମନ୍ତ୍ରୀ

ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ତହସିଲର ଆଶ୍ରମ ସ୍କୁଲ୍ ଛାତ୍ରୀ ରୁପାଲୀ ବେଶ୍ରାଙ୍କ ପ୍ରାଣହାନି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆର୍‌ଡିସି ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଘଟଣାରେ ଗଭୀର ଶୋକ ପ୍ରକାଶ କରି ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । କେଉଁ ପରିସ୍ଥିତିରେ ପିଲାମାନେ ଅସୁସ୍ଥ ହେଲେ ଏବଂ ରୁପାଲୀଙ୍କ ମୃତ୍ୟୁ କିଭଳି ହେଲା, ସେ ସଂପର୍କରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସବିଶେଷ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବେ। ଆଜି ଆରଡିସି ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିବେ। ସେହି ଆଶ୍ରମ ବିଦ୍ୟାଳୟରେ ରହୁଥିବା ଅନ୍ୟ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ସମନ୍ୱିତ ରୋଗ ନିରୀକ୍ଷଣ କାର୍ଯ୍ୟକ୍ରମ ଅଧୀନରେ ଆଜି ଏକ ଡାକ୍ତରୀ ଦଳ ରାସଗୋବିନ୍ଦପୁର ଗସ୍ତ କରିବେ । ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ୩ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି।

---

# ଓଡ଼ିଆ ନବବର୍ଷ–ରାଜ୍ୟପାଳ

ଭୁବନେଶ୍ୱର ରାଜଭବନର ନିଉ ଅଭିଷେକ ହଲ୍‌ରେ ଓଡ଼ିଆ ନବବର୍ଷ ଏବଂ ହିମାଚଳ ପ୍ରଦେଶର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି ।

ଉତ୍ସବରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି  ଯୋଗଦେଇ ଅନ୍ୟ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ଏକ ଭାରତ ଶ୍ରେଷ୍ଠ ଭାରତର ପ୍ରକୃତ ଭାବନାକୁ ପ୍ରତିଫଳିତ କରୁଛି ବୋଲି କହିଛନ୍ତି । ଏକ ଶକ୍ତିଶାଳୀ ଏବଂ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସମସ୍ତେ ଏକତ୍ର ହୋଇ ଆଗକୁ ବଢ଼ିବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି । କାର୍ଯ୍ୟକ୍ରମ ଆରମ୍ଭରେ ଭାରତ ରତ୍ନ ଡକ୍ଟର ବି.ଆର୍. ଆମ୍ବେଦକରଙ୍କର ୧୩୬ତମ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ରାଜ୍ୟପାଳ ଡକ୍ଟର ଆମ୍ବେଦକରଙ୍କ ଆଦର୍ଶ ଏକ ସମାବେଶୀ ଓ ନ୍ୟାୟପୂର୍ଣ୍ଣ ସମାଜ ଗଠନ ଦିଗରେ ଦେଶକୁ ପଥପ୍ରଦର୍ଶନ କରୁଛି ବୋଲି କହିଛନ୍ତି।

# ଓଡ଼ିଆ ପକ୍ଷ ଉଦ୍‌ଯାପନ-ମୁଖ୍ୟମନ୍ତ୍ରୀ

ଓଡ଼ିଆ ଅସ୍ମିତାକୁ ବର୍ଷବ୍ୟାପୀ ଜୀବନଶୈଳୀର ଅଂଶ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି। ଗତକାଲି ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ଓଡ଼ିଆ ପକ୍ଷ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ୧୪ ଦିନର ସାଂସ୍କୃତିକ ଯାତ୍ରା ଓଡ଼ିଆ ଅସ୍ମିତାକୁ ଜାଗ୍ରତ କରିଛି ବୋଲି କହିଛନ୍ତି। ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ହୋଇଥିବା ସଂଘର୍ଷକୁ ସ୍ମରଣ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସାଂସ୍କୃତିକ ଆଧାର ବିନା ଆର୍ଥିକ ସମୃଦ୍ଧିର କୌଣସି ଅର୍ଥ ନାହିଁ । ଭିଜନ-୨୦୩୬ ଓ ୨୦୪୭ର ଲକ୍ଷ୍ୟ ପୂରଣ ଲାଗି ଓଡ଼ିଶାକୁ ଏକ ବିକଶିତ ଓ ସଂସ୍କୃତିସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଓଡ଼ିଆ ରୋଷେଇର ବିଶ୍ୱସ୍ତରୀୟ ପ୍ରଚାର ପାଇଁ ରଣବୀର ବ୍ରାରଙ୍କୁ ବ୍ରାଣ୍ଡଆମ୍ବାସଡର

ଏବଂ ଅବିନାଶଙ୍କୁ ଓଡ଼ିଆ କ୍ୟୁଲିନାରୀ ଚମ୍ପିୟାନ୍ ଭାବେ ମନୋନୀତ କରାଯାଇଛି ।

## ମୁଖ୍ୟମନ୍ତ୍ରୀ-ଆମ୍ବେଦକର

ସମତା ଓ ନ୍ୟାୟ ଭିତ୍ତିକ ସମାଜ ଗଠନ ହିଁ ବାବା ସାହେବଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ଜୟନ୍ତୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଭୁବନେଶ୍ୱର ଖାରବେଳନଗର ଠାରେ ଆମ୍ବେଦକର ଭବନ ନିର୍ମାଣ ହେବ । ଏହାର ନକ୍ସା ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ବନକଲାଗି

ବୈଶାଖୀ ଶୁକ୍ଳ ତ୍ରୟୋଦଶୀ ତିଥିରେ ଆଜି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗ ମଣ୍ଡପ ଭୋଗ ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ଗୁପ୍ତନୀତି ଅନୁଷ୍ଠିତ ହେବାକୁ ଥିବାରୁ ସେହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ପୂର୍ବତଟ ରେଳପଥ

ଆଗାମୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ପୁରୀ ରେଳଷ୍ଟେସନରେ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସେ ଖୋର୍ଦ୍ଧାରୋଡ-ପୁରୀ

ସେକ୍ସନ ନିରୀକ୍ଷଣ କରି ଟ୍ରାକ୍ ସ୍ଥିତି, ସିଗ୍‌ନାଲ୍ ପ୍ରଣାଳୀର ମୂଲ୍ୟାଙ୍କନ କରିଛନ୍ତି । ରଥଯାତ୍ରା ପୂର୍ବରୁ ପୁନଃବିକାଶ କାର୍ଯ୍ୟ ଠିକ୍ ସମୟରେ ଶେଷ କରିବା ଉପରେ ଶ୍ରୀ ଫୁଙ୍କଓ୍ୱାଲ ଗୁରୁତ୍ୱାରୋପ କରିଛନ୍ତି ।

# ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନ

ବାସହୀନ ଲୋକଙ୍କ ଥଇଥାନ ପାଇଁ ନୂଆପଡ଼ା ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଆଦର୍ଶ କଲୋନିରେ ନିର୍ମିତ ୧୫ଟି ପକ୍କାଘର ଲୋକାର୍ପଣ କରାଯାଇଛି । ବିଧାୟକ ଜୟ ଢ଼ୋଲକିଆଙ୍କ ଉପସ୍ଥିତିରେ ହିତାଧିକାରୀ ପରିବାରଗୁଡ଼ିକ ଗୃହ ପ୍ରବେଶ କରିଛନ୍ତି । ସଂପୃକ୍ତ କଲୋନିରେ ବିଦ୍ୟୁତ୍, ପାନୀୟ ଜଳ ଓ ଶୌଚାଳୟ ସମେତ ସମସ୍ତ ମୌଳିକ ସୁବିଧା ବ୍ୟବସ୍ଥା କରାଯାଇଛି ।

# ରାସୋଳ ମହୋତ୍ସବ

ଓଡ଼ିଆ ନବବର୍ଷ ଅବସରରେ ଢେଙ୍କାନାଳ ଜିଲ୍ଲାରେ ଉପଖଣ୍ଡସ୍ତରୀୟ ରାସୋଳ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଆରମ୍ଭ ହୋଇଛି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମେଳାକୁ ଉଦ୍‌ଘାଟନ କରି ଗ୍ରାମୀଣ ଉତ୍ପାଦକଗୁଡ଼ିକର ପ୍ରଚାର ପ୍ରସାର ପାଇଁ ଏହି ମଞ୍ଚ ସହାୟକ ହେବ ବୋଲି କହିଛନ୍ତି । ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ମେଳାରେ ୫୦ଟି ଷ୍ଟଲ୍ ଖୋଲାଯାଇଛି ।

# ଅଗ୍ନିଶମ ସପ୍ତାହ

ଅଗ୍ନିଶମ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଗୋପାଳପୁର ବନ୍ଦର ପରିସରରେ ୮୨ତମ ଜାତୀୟ ଅଗ୍ନିଶମ ସପ୍ତାହ ପାଳନ ଆରମ୍ଭ ହୋଇଛି । ଆଗାମୀ ସପ୍ତାହରେ ଗୋପାଳପୁର ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଡାକ୍ତରଖାନାରେ ଅଗ୍ନିଶମ ସଚେତନତା ସହ ମକ୍‌ଡ୍ରିଲ୍ ଆୟୋଜନ କରାଯିବ ବୋଲି ଜଣାପଡ଼ିଛି ।

---

# ପାଣିପାଗ

ରାଜ୍ୟର ୧୧ଟି ଜିଲ୍ଲାକୁ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଗରମ ଓ ଗୁଳୁଗୁଳି ଅନୁଭୂତ ହେବା ନେଇ ସତର୍କତା ଜାରି କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୬ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବା ସହ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବା ସମ୍ଭାବନା ରହିଛି ।

ଗତକାଲି ରାଜ୍ୟର ୮ଟି ସ୍ଥାନରେ ଦିନ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଥିବା ବେଳେ ଟିଟିଲାଗଡ଼ରେ ସର୍ବାଧିକ ଦିନ ତାପମାତ୍ରା ୪୧ ଦଶମିକ ୭ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି ।

---